# NATIONAL NEWS BULLETIN (ODIA)
## 01st June - 2024
## Morning Bulletin : 7.15 a.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦେଶର ସପ୍ତମ ତଥା ଅନ୍‌ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଆରମ୍ଭ ହୋଇଛି ଭୋଟ୍‌ଗ୍ରହଣ ।

— ଏହି ପର୍ଯ୍ୟାୟରେ ଓଡ଼ିଶାର ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଚାଲିଛି ମତଗ୍ରହଣ ।

- ଉତ୍ତର ପ୍ରଦେଶରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ୭ ଜଣ ହୋମ୍‌ଗାର୍ଡ଼ଙ୍କ ସମେତ ୧୩ ଜଣଙ୍କର ମୃତ୍ୟୁ ।

- ବାତ୍ୟା ‘ରେମାଲ୍’ର ପ୍ରଭାବରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଆସାମରେ ୬ ଜଣଙ୍କର ମୃତ୍ୟୁ ।

- ଏଣିକି ରୋହିଙ୍ଗ୍ୟା କିମ୍ବା ମ୍ୟାଁମାର ନାଗରିକଙ୍କୁ ବାଂଲାଦେଶରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି କହିଛନ୍ତି ବାଂଲାଦେଶର ଗୃହମନ୍ତ୍ରୀ ।

ଏବଂ

- ଦେଶର ଉତ୍ତର-ପଶ୍ଚିମ ଓ କେନ୍ଦ୍ରୀୟ ଅଞ୍ଚଳର ଅନେକ ସ୍ଥାନରେ ଏବେ ବି ଗ୍ରୀଷ୍ମର ପ୍ରକୋପ ଜାରି ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗର ସୂଚନା ।

## ଇଲେକ୍ସନ୍ - ସେଭେନ୍ଥ୍ ଫେଜ୍

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଭୋଟ ଗ୍ରହଣ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ସଂସଦୀୟ କ୍ଷେତ୍ର ଲାଗି ମତଦାନ ହେଉଛି । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଲୋକସଭା ଆସନ ଅନ୍ତର୍ଭୁକ୍ତ ।

ନିର୍ବାଚନ କମିଶନଙ୍କ ପକ୍ଷରୁ ମତଦାନ ପ୍ରକ୍ରିୟାକୁ ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛତାର ସହ ପରିଚାଳନା କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ୧୦ ଲକ୍ଷ ୯୦ ହଜାରରୁ ଊର୍ଦ୍ଧ୍ୱ ପୁଲିଂ ଅଧିକାରୀ ଏହି ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା ପାଇଁ ମୁତୟନ ହୋଇଛନ୍ତି । ୧୦ କୋଟି ୬୦ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ଲୋକସଭା ଆସନଗୁଡ଼ିକପାଇଁ ୯୦୪ ଜଣ ପ୍ରାର୍ଥୀଙ୍କ ରାଜ୍ୟନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବେ । ଏହି ପର୍ଯ୍ୟାୟରେ ମୋଟ୍ ୨୦୧ଟି ଅନ୍ତର୍ଜାତୀୟ ସୀମା ଚେକ୍‌ପୋଷ୍ଟ ଏବଂ ୯୦୬ ଆନ୍ତଃରାଜ୍ୟ ସୀମା ଚେକ୍‌ପୋଷ୍ଟ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଏହି ପର୍ଯ୍ୟାୟରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ରବିଶଙ୍କର ପ୍ରସାଦ, କଂଗ୍ରେସ ନେତା ବିକ୍ରମାଦିତ୍ୟ ସିଂ, ମନୀଶ ତିୱାରୀ, ଆର୍.ଜେ.ଡି.ର ନେତା ମିଶା ଭାରତୀ ଏବଂ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀ ଅଛନ୍ତି । ଆଜିର ମତଗ୍ରହଣ ପରେ ଗତ ଏପ୍ରିଲ୍ ମାସ ୧୯ ତାରିଖରୁ ଆରମ୍ଭ ହୋଇଥିବା ନିର୍ବାଚନ ଋତୁ ସହ ୪୮୬ଟି ଲୋକସଭା ଆସନପାଇଁ ଭୋଟ୍‌ଗ୍ରହଣ ଶେଷ ହେବ । ଆସନ୍ତାମାସ ୪ ତାରିଖରେ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

## ଓଡ଼ିଶା ଇଲେକ୍‌ସନ୍

ଓଡ଼ିଶାରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ ଚାଲିଛି । ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି – ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର । ଗ୍ରୀଷ୍ମପ୍ରକୋପକୁ ଦୃଷ୍ଟିରେ ରଖି ପୁଲିଙ୍ଗ୍ ଅଧିକାରୀ ଏବଂ ମତଦାତାଙ୍କ ପାଇଁ ନିର୍ବାଚନ କମିଶନ୍ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ।

ଏହି ପର୍ଯ୍ୟାୟରେ ୯୯ ଲକ୍ଷ ୬୧ ହଜାର ୫୭ ଜଣ ମତଦାତା ୧୦ ହଜାର ୮୮୨ଟି ଭୋଟଗ୍ରହଣ କେନ୍ଦ୍ରରେ ମୋଟ୍ ୪୬୦ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେମାନଙ୍କ ମଧ୍ୟରେ ଲୋକସଭା ଆସନ ପାଇଁ ୬୬ ଜଣ ଏବଂ ବିଧାନସଭା ଆସନ ପାଇଁ ୩୯୪ ଜଣ ଅଛନ୍ତି । ସକାଳ ୭ଟାରୁ ଆରମ୍ଭ ହୋଇଛି ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାର ଧଳ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ଶେଷ କରିବା ପାଇଁ ୭୨ହଜାର ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

ଏହି ଅନ୍ତିମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ପ୍ରତାପ ଷଡ଼ଙ୍ଗୀ, ବିଜେପିର ଜାତୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବି.ଜେ.ଡି.ର ସୁଦାମ ମାରାଣ୍ଡି, ଲେଖାଶ୍ରୀ ସାମନ୍ତ ସିଂହାର, ମଞ୍ଜୁଲତା ମଣ୍ଡଳ, ଅଂଶୁମାନ୍ ମହାନ୍ତି ଏବଂ କଂଗ୍ରେସର ଶ୍ରୀକାନ୍ତ କୁମାର ଜେନା, ଜେ.ଏମ୍.ଏମ୍. ଅଞ୍ଜନୀ

ସୋରେନ୍ ପ୍ରମୁଖ ଅଛନ୍ତି । ସେହିଭଳି ଏହି ପର୍ଯ୍ୟାୟ ବିଧାନସଭା ଲାଗି ହେଉଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡ଼ାଇ, ସୁବାସିନୀ ଜେନା, ଅଶ୍ୱିନୀ ପାତ୍ର, ତୁଷାରକାନ୍ତୀ ବେହେରା, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ରହିଛନ୍ତି ।

## ମିର୍ଜାପୁର - ୟୁ.ପି. ହିଟ୍ ଷ୍ଟ୍ରୋକ୍

ଉତ୍ତର ପ୍ରଦେଶରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ୧୩ ଜଣଙ୍କର ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରେ ମିର୍ଜାପୁରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ୭ ଜଣ ହୋମ୍‌ଗାର୍ଡ଼ ଅଛନ୍ତି । ଗୋଣ୍ଡା, ପ୍ରାୟଗରାଜ, ବସ୍ତି ଏବଂ କୌଶାମ୍ବୀ ଅଞ୍ଚଳରେ ମଧ୍ୟ ଗ୍ରୀଷ୍ମପ୍ରକୋପ ଯୋଗୁଁ ଅନ୍ୟ ୬ ଜଣଙ୍କର ମୃତ୍ୟୁ ଘଟିଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ମିର୍ଜାପୁର ପଲିଟେକ୍‌ନିକ୍ କ୍ୟାମ୍ପସରୁ ନିର୍ବାଚନ ସାମଗ୍ରୀ ଧରି ବାହାରୁଥିବା କର୍ମଚାରୀଙ୍କ ମଧ୍ୟରେ କେତେକ ଅସୁସ୍ଥ ଅନୁଭବ କରିଥିଲେ । ସେମାନଙ୍କୁ ସଙ୍ଗେ ସଙ୍ଗେ ଉପଖଣ୍ଡସ୍ତରୀୟ ହସ୍ପିଟାଲ୍‌ରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଥିଲା । ହସ୍ପିଟାଲ୍‌ରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ସେମାନଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମିର୍ଜାପୁରରେ ଆଜି ମତଗ୍ରହଣ କରାଯାଉଛି ।

# ଆସାମ ଫ୍ଲଡ୍

ବାତ୍ୟା 'ରେମାଲ୍'ର ପ୍ରଭାବରେ ଲଗାଣ ବର୍ଷା ଏବଂ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ଯୋଗୁଁ ଆସାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ୧୧ଟି ଜିଲ୍ଲାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ସାଢ଼େ ୩ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ କାଚାରରେ ୩ ଜଣ, ହଇଲାକାଣ୍ଡିରେ ୨ ଜଣ ଏବଂ ପଶ୍ଚିମ କାର୍ବି ଆଙ୍ଗ୍ଲୋଙ୍ଗ୍ ଜିଲ୍ଲାର ଜଣେ ଅନ୍ତର୍ଭୁକ୍ତ । ୫୬୦ଟି ଗାଁର ୪ ହଜାର ୯୦୦ ହେକ୍ଟରରୁ ଅଧିକ ଚାଷଜମି କ୍ଷତିଗ୍ରସ୍ତ ହୋଇଛି ।  ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିଭିନ୍ନ ସ୍ଥାନରେ ସଡ଼କ ଯୋଗାଯୋଗ ତଥା ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । କାଚାର, କରିମଗଞ୍ଜ ଏବଂ ନଗାଓଁ ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ।

ପ୍ରଭାବିତ ଜିଲ୍ଲାଗୁଡ଼ିକକେର ରାଜ୍ୟ ସରକାରଙ୍କ ପକ୍ଷରୁ ୧୪୮ଟି ରିଲିଫ୍ କ୍ୟାମ୍ପ୍ ଏବଂ ୩୯ଟି ରିଲିଫ୍ ବଣ୍ଟନ କେନ୍ଦ୍ର ଖୋଲାଯାଇଛି । ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ଏନ୍.ଡି.ଆର୍.ଏଫ୍. ଓ ଏସ୍.ଡି.ଆର୍.ଏଫ୍. ନିୟୋଜିତ ଅଛନ୍ତି ।

## ବାଂଲାଦେଶ – ରୋହିଙ୍ଗ୍ୟା

ବାଂଲାଦେଶର ଗୃହମନ୍ତ୍ରୀ ଅସଦୁଜ୍ଜମାନ ଖାଁ କହିଛନ୍ତି, ଏଣିକି ରୋହିଙ୍ଗ୍ୟା କିମ୍ବା ମ୍ୟାଁମାର ନାଗରିକଙ୍କୁ ବାଂଲାଦେଶରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ । ଗତକାଲି କକ୍ସ ବଜାର ଜିଲ୍ଲାରେ ଉଖିଆ ରୋହିଙ୍ଗ୍ୟା କ୍ୟାମ୍ପ୍ ପରିଦର୍ଶନ କରିବା ପରେ ସାମ୍ବାଦିକମାନଙ୍କୁ ସେ ଏହା କହିଛନ୍ତି । ସେ କହିଛନ୍ତି, ବାଂଲାଦେଶକୁ ମ୍ୟାଁମାର୍‌ରୁ ନିଶାଦ୍ରବ୍ୟ ଆସୁଛି । ଶିବିରରେ ରହିଥିବା କିଛି ଲୋକ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ସେ ଆହୁରି କହିଛନ୍ତି, ରୋହିଙ୍ଗ୍ୟା ଶିବିରରେ ମଧ୍ୟ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଛି ଏବଂ ସେମାନଙ୍କୁ ବିଭିନ୍ନ ଗୋଷ୍ଠୀ ଓ ଉପଗୋଷ୍ଠୀରେ ବିଭକ୍ତ କରାଯାଇଛି । ରୋହିଙ୍ଗ୍ୟାମାନଙ୍କୁ ନିୟନ୍ତ୍ରଣ କରିବାପାଇଁ ବାଂଲାଦେଶ ସୀମା ସୁରକ୍ଷା ବଳ ଏବଂ ସଶସ୍ତ୍ର ପୁଲିସ୍ ବାହିନୀ ଓ ସେନାବାହିନୀ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଏଭଳି ପରିସ୍ଥିତି ବାଂଲାଦେଶପାଇଁ ଚିନ୍ତାର କାରଣ ହୋଇଛି ବୋଲି ସେ କହିଛନ୍ତି ।

## ଚେନ୍ନାଇ – ପି.ଏମ୍. ବିବେକାନନ୍ଦ

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କନ୍ୟାକୁମାରୀସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଳା ସ୍ମାରକୀରେ  ୪୫ ଘଣ୍ଟା ଧରି ଗତ ଗୁରୁବାରଠାରୁ ନିରବ ଧ୍ୟାନ ଆରମ୍ଭ କରିଛନ୍ତି । ଗତକାଲି ସକାଳେ ସେ

ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରିଛନ୍ତି । ଆଜି ତାଙ୍କର ଧ୍ୟାନ ଶେଷ ହେବ ଏବଂ ସେ ନିକଟରେ ଥିବା ତିରୁବାଲୁବରକୁ ଯାଇ ପୂଜାର୍ଚ୍ଚନା କରିବେ । ଏହାପରେ ସେ ତ୍ରିଭେନ୍ଦ୍ରମ୍ ଫେରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

## ଡବ୍ଲ୍ୟୁ.ଏଚ୍.ଓ. - ନେଲ୍ସନ୍ ମାଣ୍ଡେଲା ଆୱାର୍ଡ୍

ବେଙ୍ଗାଲୁରୁସ୍ଥିତ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ପ୍ରତିଷ୍ଠାନକୁ ୨୦୨୪ ମସିହାପାଇଁ ନେଲ୍ସନ୍ ମାଣ୍ଡେଲା ପୁରସ୍କାର ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ପ୍ରୋତ୍ସାହନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଦୃଷ୍ଟିରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ପୁରସ୍କାର ପ୍ରଦାନ କରିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଏହା ହେଉଛି ଏକ ଜାତୀୟ ଅଗ୍ରଣୀ ଅନୁଷ୍ଠାନ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇବା ସହ ବିଶ୍ୱସ୍ତରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ପ୍ରୟାସକୁ ଏହା ସ୍ୱୀକୃତି ପ୍ରଦାନ କରିଛି ବୋଲି କହିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ର ମଧ୍ୟ ଏହି ସଫଳତାପାଇଁ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇଛନ୍ତି ।

# ଜେ.କେ. ଅଖନ୍ନୁର ଆକ୍ସିଡେଣ୍ଟ

ଜାମ୍ମୁ କାଶ୍ମୀରରେ ସରକାର ଗତକାଲି  ଅଖନ୍ନୁର ଦୁର୍ଘଟଣାରେ ୬ ଜଣ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ସେମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କାଠୁଆଠାରେ କାର୍ଯ୍ୟରତ ଏମ୍.ଭି.ଆଇ. ମଧ୍ୟ ଅଛନ୍ତି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନର କିଛି ଶ୍ରଦ୍ଧାଳୁଙ୍କୁ ନେଇ ଗତ ଗୁରୁବାର ଗୋଟିଏ ବସ ରିଆସି ଜିଲ୍ଲାର ଶିବଖୋରୀ ଗୁମ୍ଫା ପରିଦର୍ଶନ କରିବାକୁ ଯାଉଥିବା ସମୟରେ ଜାମ୍ମୁ ପୁଞ୍ଛ ଜାତୀୟ ରାଜପଥର ଟୁଙ୍ଗି ମୋରହ ଠାରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ସେହି ଦୁର୍ଘଟଣାରେ ୨୨ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଥିଲା ଏବଂ ୬୯ ଜଣ ଶ୍ରଦ୍ଧାଳୁ ଆହତ ହୋଇଥିଲେ । ବସ୍‌ଟି ଅଖନ୍ନୁରର ତଣ୍ଡା ନିକଟବର୍ତ୍ତୀ ଗୋଟିଏ ଖାଇକୁ ଖସିପଡ଼ିଥିଲା ।  ମୃତକଙ୍କ ମଧ୍ୟରେ ୬ ଜଣ ଶିଶୁ ଏବଂ ୮ ଜଣ ମହିଳା ରହିଛନ୍ତି । ଆହତଙ୍କ ମଧ୍ୟରେ ୧୬ ଜଣ ଶିଶୁ ଓ ୨୯ ଜଣ ମହିଳା ରହିଛନ୍ତି । ସରକାର ଏ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଭାରପ୍ରାପ୍ତ ଅନୁସନ୍ଧାନକାରୀ ଅଧିକାରୀଙ୍କୁ ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜାମ୍ମୁ କାଶ୍ମୀରର ସଡ଼କ ସୁରକ୍ଷା ପରିଷଦ ସଚିବାଳୟର ଅତିରିକ୍ତ ସଚିବ ପରମବୀର ସିଂହ ଏହି ଦୁର୍ଘଟଣାର ତଦନ୍ତ କରୁଛନ୍ତି ।

# ଆଇ.ଏମ୍.ଡି. - ୱେଦର

ଭାରତୀୟ ପାଣିପାଗ ବିଭାଗ କହିଛି, ଦେଶର ଉତ୍ତର-ପଶ୍ଚିମ ଓ କେନ୍ଦ୍ରୀୟ ଅଞ୍ଚଳର ଅନେକ ସ୍ଥାନରେ ଏବେ ବି ଗ୍ରୀଷ୍ମର ପ୍ରକୋପ ଜାରି ରହିଛି । ରାଜସ୍ଥାନ, ପଞ୍ଜାବ, ହରିୟାଣା, ଚଣ୍ଡୀଗଡ଼, ଦିଲ୍ଲୀ, ଉତ୍ତର ପ୍ରଦେଶ, ବିହାର, ପୂର୍ବ ମଧ୍ୟପ୍ରଦେଶ, ଓଡ଼ିଶା ଓ ଝାଡ଼ଖଣ୍ଡର ଅନେକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି ।

ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗର ବୈଜ୍ଞାନିକ ଡକ୍ଟର ଆର୍.କେ. ଜେନାମଣି କହିଛନ୍ତି । ଆସନ୍ତା ଚାରି ପାଞ୍ଚଦିନ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଭାରତରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ପୂର୍ବାନୁମାନ କରାଯାଇଛି ।

*****